## ସଂକ୍ଷେପରେ

### କୁକୁଡ଼ା ଦୋକାନୀ ନିଖୋଜ ଅଭିଯୋଗ

ବଅଁରପାଳ,୨୮।୫(ଡି.ଏନ.ଏ.) : ନାଲ୍‌କୋ ଥାନା ଗିରାଙ୍ଗ ଗ୍ରାମର କୁକୁଡ଼ା ଦୋକାନୀ ମାମୁଲି ସେଠୀ (୨୨) ୨୬ ତାରିଖରୁ କେଉଁ ଆଡ଼େ ନିଖୋଜ ହୋଇଯାଇଛନ୍ତି। ଏ ନେଇ ତାଙ୍କ ମା' ଚାଇନା ସେଠୀ ମଙ୍ଗଳବାର ନାଲ୍‌କୋ ଥାନାରେ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି, ନାଲ୍‌କୋ ଏଫସିଆଇ ଛକଠାରେ ମାମୁଲିଙ୍କ ଏକ କୁକୁଡ଼ା ଦୋକାନ ରହିଛି। ୨୬ ତାରିଖ ସନ୍ଧ୍ୟାରେ ମାମୁଲି ବାଇକ୍ ଯୋଗେ ଦୋକାନକୁ ଯାଇଥିଲେ। ମାତ୍ର ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ମିଳି ପାରିନାହିଁ। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଜଳିଗଲା ଦୋକାନ

ବଇଣ୍ଡା,୨୮।୫(ଡି.ଏନ.ଏ.): କିଶୋରନଗର କଲେଜ ନିକଟରେ ମହେଶ୍ୱର ସାହୁଙ୍କ ଦୋକାନ ମଙ୍ଗଳବାର ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ସର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ଅଞ୍ଚଳବାସୀ କହିଛନ୍ତି। ବଡ଼ି ଭୋରରୁ ହଠାତ୍ ତାଙ୍କ ଦୋକାନରେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ଏହି ଅଗ୍ନିକାଣ୍ଡରେ ଦୋକାନ ଘର ସହ ଆସବାବପତ୍ର ଜଳିଯାଇଛି। ଖବରପାଇ ବାମୁର ଅଗ୍ନିଶମ ବିଭାଗ କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳବାସୀ ନିଆଁକୁ ଆୟତ୍ତ କରିଥିଲେ। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

### ଗୋଣ୍ଡ ସମାଜର ବାର୍ଷିକ ବୈଠକ

ବଇଣ୍ଡା,୨୮।୫(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ପାଇକସାହି କାଶୀ ବିଶ୍ୱନାଥ ମନ୍ଦିର ପରିସରରେ ୨ ଦିନ ଧରି ଗୋଣ୍ଡ ସମାଜ ପାଇକସାହି ପୁଞ୍ଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଦ୍ଧେଶ୍ୱର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଅଞ୍ଜନ କୁମାର ନାୟକ, ବସନ୍ତ ନାୟକ, ଗୋବର୍ଦ୍ଧନ ନାୟକ, ନୃସିଂହଚରଣ ନାୟକ, ବନ୍ଧୁ ନାୟକ, ଲୋକନାଥ ନାୟକ, ତ୍ରିଲୋଚନ ନାୟକ, ଅକ୍ଷୟ କୁମାର ନାୟକ, ପୀତବାସ ନାୟକ, ବିଜୟ ନାୟକ, ନବୀନ କୁମାର ନାୟକଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ। ଏଥିରେ ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ନାରୀ ସଶକ୍ତୀକରଣ ଉପରେ ଆଲୋଚନା କରାଯାଇଥିଲା।

### ଆମ ପୋଲିସ ସମିତି ବୈଠକ

କଣିହାଁ,୨୮।୫(ଡି.ଏନ.ଏ.): କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ପକ୍ଷରୁ ମଙ୍ଗଳବାର ଗଦାଶିଳା ପଞ୍ଚାୟତରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୋଲିସର କର୍ତ୍ତବ୍ୟ, ସଚେତନତା କାର୍ଯ୍ୟକ୍ରମ ଓ ଶାନ୍ତିଶୃଙ୍ଖଳା ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧରେ ସରପଞ୍ଚ ଜେମାମଣି ନାୟକ, ବିଜିଗୋଳ ସରପଞ୍ଚ ଦୁଃଶାସନ ସାହୁଙ୍କ ସମେତ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

### ମନ୍ଦିର ନିର୍ମାଣ ପାଇଁ ଜରଡ଼ା ଗ୍ରାମବାସୀଙ୍କ ସହାୟତା

ତାଳଚେର,୨୮।୫(ନି.ପ୍ର.): ଅନୁଗୋଳ ଜିଲା ତାଳଚେର ଠାରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ନୂତନ ଭବ୍ୟ ମନ୍ଦିର ନିର୍ମାଣ ଚାଲିଛି। ମା'ଙ୍କ ଏହି ମନ୍ଦିର ନିର୍ମାଣ ନିମନ୍ତେ କଣିହାଁ ବ୍ଲକ ଜରଡା ଗ୍ରାମବାସୀଙ୍କ ପକ୍ଷରୁ ମନ୍ଦିର ପାଣ୍ଠିକୁ ଅର୍ଥଦାନ କରାଯାଇଛି। ଗ୍ରାମ ସଭାପତି ତଅଁଳା ସାହୁ ଓ ସଦସ୍ୟ ବାଇଧର ସାହୁ ମନ୍ଦିରରେ ପହଞ୍ଚି ପଚାଶ ହଜାର ଟଙ୍କା କାର୍ଯ୍ୟାଳୟରେ ପ୍ରଦାନ କରିଥିଲେ। ଜରଡା ଗ୍ରାମବାସୀଙ୍କ ଏଭଳି ମହତ୍ କାର୍ଯ୍ୟକୁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଶଂସା କରାଯାଇଛି । ମା' ହିଙ୍ଗୁଳାଙ୍କ ପରିକଳ୍ପିତ ଭବ୍ୟ ମନ୍ଦିର ୧୩୧ ଫୁଟ ଉଚ୍ଚତା ବିଶିଷ୍ଟ ହେବାକୁ ଆକଳନ କରାଯାଇଛି। ଅଦ୍ୟାବଧି ୯୮ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଚାଲିଛି। ଶ୍ରଦ୍ଧାଳୁମାନେ ମୁକ୍ତ ହସ୍ତରେ ଦାନ କରିବାକୁ ମନ୍ଦିର ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

## ୨୦ ବର୍ଷ ହେଲା ଚାଲିଛି ଧର୍ମ ଆଲୋଚନା

# ଭାଇଚାରା ବଢ଼ାଇଛି ଭାଗବତ ଟୁଙ୍ଗି

ବନ୍ତଳା,୨୮।୫(ଦିନେଶ ଦେହୁରୀ)


ରଣେଶ୍ୱର ଷଣ୍ଡ ଛକସାହିରେ ଭାଗବତ ପାଠ ଚାଲିଛି।

- ସନ୍ଧ୍ୟାରେ ଏକାଠି ବସୁଛନ୍ତି ସାହିବାସୀ
- ପ୍ରତିବର୍ଷ ପାଳନ ହେଉଛି ବାର୍ଷିକ ଉତ୍ସବ
- ଆସୁଛି ନିମନ୍ତ୍ରଣ, ମିଳୁଛି ପୁରସ୍କାର

ଗ୍ରାମୀଣ ସଂସ୍କୃତି, ଧାର୍ମିକ ଭାବନାକୁ ସର୍ବଦା ସମୃଦ୍ଧ କରିଆସିଛି ଭାଗବତ ଟୁଙ୍ଗି। ଆଧୁନିକତାର ଅନୁପ୍ରବେଶ ଓ ସହରୀକରଣର ପ୍ରଭାବ ସ୍ୱତ୍ତ୍ୱେ ଅନେକ ଗାଁରେ ଏବେ ବି ବଞ୍ଚିଛି ଭାଗବତ ଟୁଙ୍ଗି। ସନ୍ଧ୍ୟାରେ ସେଠାରେ ଜମୁଛି ଭାଗବତ ଆସର ଓ ହେଉଛି ଧାର୍ମିକ ଆଲୋଚନା। ଅନୁଗୋଳ ଜିଲା ବନ୍ତଳା ଥାନା ପୋକତୁଙ୍ଗା ଗାଁ ଏହାର ଏକ ଉଦାହରଣ। ଦୀର୍ଘ ୨୦ ବର୍ଷ ହେଲା ଗାଁର ଅନେକ ସାହିରେ ଏହା ଏକ ପରମ୍ପରାରେ ପରିଣତ ହୋଇସାରିଛି। ପ୍ରତିବର୍ଷ ଏହାକୁ ନେଇ ଉତ୍ସବ ପାଳନ ହେଉଥିବାରୁ ଗାଁରେ ଭାଇଚାରା ବି ବଢ଼ିଚାଲିଛି। ଭାଗବତ ପାଠ ପ୍ରତିଯୋଗିତା ପାଇଁ ଚାରିଆଡୁ ନିମନ୍ତ୍ରଣ ଆସୁଛି। ପୁରସ୍କାର ବି ମିଳୁଛି।

ପୋକତୁଙ୍ଗା ରଣେଶ୍ୱର ଷଣ୍ଡ ଛକସାହିର ଅଧିକାରୀ ସାହୁ, ରଞ୍ଜିତ ପ୍ରଧାନ, ବସନ୍ତ ସାହୁ, ସରୋଜ ସାହୁ, ଶ୍ରୀଖର ଦେହୁରୀ, ଚକ୍ରଧର ଦେହୁରୀ, ଗୋପୀନାଥ ପ୍ରଧାନ, ରତ୍ନାକର ଦେହୁରୀ, ନୀଳମଣି ଦେହୁରୀ, ପ୍ରଶ୍ନ ପ୍ରଧାନ, ମାୟା ସାହୁ, ପ୍ରଶ୍ନ ଦେହୁରୀ, ଲମ୍ବୋଦର ଦେହୁରୀ, କନ୍ଦର୍ପ ପ୍ରଧାନ ପ୍ରମୁଖ କୁହନ୍ତି, ପୂର୍ବରୁ ଗାଁରେ ଭାଗବତ ଟୁଙ୍ଗି ଥିଲା। ପ୍ରତିଦିନ ଭାଗବତ ପଢା ପରେ ଧର୍ମ ଚର୍ଚ୍ଚା ହେଉଥିଲା। ବିପଦ ସମୟରେ ଏହା ସମସ୍ତଙ୍କୁ ଏକାଠି କରୁଥିଲା। କିନ୍ତୁ ଧୀରେ ଧୀରେ ଏହା ବନ୍ଦ ହୋଇଯାଇଥିଲା। କେତେଜଣ ଯୁବକ ମଦ୍ୟପାନ କରି ଅଶାନ୍ତି ସୃଷ୍ଟି କରୁଥିଲେ। ତେଣୁ ଗାଁରେ ଶାନ୍ତି ଫେରାଇବା ପାଇଁ ପୁଣି ଭାଗବତ ପାଠ ଏକ ମାଧମ ବୋଲି ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଚିନ୍ତା କଲେ। ଅଧିକାରୀ ଦେହୁରୀଙ୍କ ନେତୃତ୍ୱରେ ୨୦ ବର୍ଷ ତଳେ ତ୍ରିନାଥ କୋଠଘରେ ଭାଗବତ ପାଠ ଆରମ୍ଭ ହୋଇଥିଲା। ମଦ୍ୟପ ଯୁବକମାନେ ପ୍ରଥମେ ବିରୋଧ କରିଥିଲେ। କିନ୍ତୁ ଧର୍ମ ଚର୍ଚ୍ଚାକୁ ସେମାନେ ବନ୍ଦ କରିପାରିଲେ ନାହିଁ। କେତେଜଣ ଶିକ୍ଷିତ ଯୁବକଙ୍କ ସମର୍ଥନ ମିଳିବା ପରେ ଦ୍ୱିପ୍ରହର ଓ ସନ୍ଧ୍ୟା ସମୟରେ ଦୁଇ ଘଣ୍ଟା ଭାଗବତ ପାଠ ଆରମ୍ଭ ହେଲା। କିଛିଦିନ ପରେ ଗାଁର ଅଶାନ୍ତ ପରିବେଶ ବଦଳିବାକୁ ଲାଗିଲା। ବୟସ୍କ ଲୋକଙ୍କ ସହ ଯୁବପିଢ଼ି ଯୋଗଦେବାରୁ ଭାଗବତ ଟୁଙ୍ଗିରେ ୬୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ ଦୈନିକ ଧର୍ମ ଚର୍ଚ୍ଚା ହେଲା। ପ୍ରତ୍ୟେକ ରବିବାର ତ୍ରିନାଥ ମେଳା, ପ୍ରତିବର୍ଷ ବାର୍ଷିକ ଉତ୍ସବ, ଭାଗବତ ଜନ୍ମ ଆଦି ପାଳନ କରାଗଲା। ଗ୍ରାମର ସମସ୍ତେ ଏଥିରେ ସାମିଲ ହେବାରୁ ଏହା ବଡ଼ ଆକାର ନେଲା। ଏବେ ଗାଁରେ ଜନ୍ମାଷ୍ଟମୀ, ବୈଶାଖ ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା ଆଦି ଧୁମ୍‌ଧାମ୍‌ରେ ପାଳନ ହେଉଛି। ଗ୍ରାମର ଦେହୁରୀ ସାହି, ପାଟଣା ସାହି, ମଝି ପାଟଣା ସାହି, ସାହୁ ସାହି, ବେହେରା ସାହି, ପ୍ରଧାନ ସାହି, ଡିପ ସାହି, ବନ୍ଧଫର ସାହିରେ ମଧ ଭାଗବତ ପଢା ହେଉଛି। ଏଥିସହ ନୃସିଂହ ପୁରାଣ, ସାତଖଣ୍ଡ ରାମାୟଣ, ମହାଭାରତ, ଲକ୍ଷ୍ମୀ ପୁରାଣ, ଅଷ୍ଟାଦଶ ପୁରାଣ ଆଦି ପାଠ ହେଉଛି। ବିଭିନ୍ନ ସ୍ଥାନରେ ହେଉଥିବା ଧର୍ମ ଆଲୋଚନାକୁ ନିମନ୍ତ୍ରଣ ଆସୁଛି। ବିଜୟୀ ହେଲେ ଭାଗବତ ବହି ସେଟ୍ ସହ ମାନପତ୍ର ଆଦି ପୁରସ୍କାର ମିଳୁଛି। ତାଳଚେରର ସିଙ୍ଗିଡା ଲୋକେଇପସି ଓ ରାଣୀଗୋଡାରେ ଭାଗବତ ଧର୍ମ ଆଲୋଚନାରେ ଯୋଗଦେଇ ଗ୍ରାମବାସୀ ପୁରସ୍କାର ଜିତି ପାରିଛନ୍ତି। କିନ୍ତୁ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ସରକାରଙ୍କ ତରଫରୁ ସହଯୋଗ ମିଳୁ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ପୋକତୁଙ୍ଗା ସରପଞ୍ଚ ରୀନା ରାଣୀ ପ୍ରଧାନ କହିଛନ୍ତି, ଯେଉଁ ଗାଁ ଓ ସାହିରେ ଭାଗବତ ପାଠ ହେଉଛି ତାହାକୁ ଚିହ୍ନଟ କରି ବ୍ଲକକୁ ଚିଠି କରାଯାଇଛି। ବର୍ତ୍ତମାନ ସୁଦ୍ଧା ପୁନରୁଦ୍ଧାର ପାଇଁ ଅନୁଦାନ ଆସିନାହିଁ। ଅନୁଗୋଳ ବିଡିଓ ମାୟାଧର ବେହେରା କହିଛନ୍ତି, ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ସରକାର ବର୍ତ୍ତମାନ ୫୦ ହଜାର ଟଙ୍କା ଦେଉଛନ୍ତି। ବ୍ଲକକୁ ଅଭିଯୋଗ ଆସିଲେ ଉକ୍ତ ଅଭିଯୋଗ ପତ୍ରକୁ ଜିଲା ସଂସ୍କୃତି ବିଭାଗକୁ ପଠା ଯାଇଥାଏ। ସେଠାରେ ସ୍କ୍ରୁଟିନ କରାଯିବା ପରେ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ଅର୍ଥ ପ୍ରଦାନ କରାଯାଇଥାଏ। ଯଦି ପୋକତୁଙ୍ଗା ଗ୍ରାମବାସୀ ଅଭିଯୋଗ କରିନାହାନ୍ତି, ତେବେ କରନ୍ତୁ। ପ୍ରଶାସନ ପକ୍ଷରୁ ସହଯୋଗ କରାଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି।

## ସେଲ୍ଫି କର୍ନର


@ ବାଲିଆ


@ ବନବିହାରୀ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | dklselfie@gmail.com (ବଛା ବଛା ସେଲ୍ଫି ପ୍ରକାଶ ପାଇବ)

## ଛେଣ୍ଡିପଦାରେ ଚନ୍ଦନଯାତ୍ରା ସମ୍ପନ୍ନ


ଚନ୍ଦନଯାତ୍ରାରେ ପ୍ରବଳ ଭିଡ଼।

ଛେଣ୍ଡିପଦା,୨୮।୫(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦାରେ ସୋମବାର ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାଳବୈଶାଖୀ ଯୋଗୁ ତୋରଣ ଭାଙ୍ଗି ଯାଇଥିବାରୁ ଯାତ୍ରା ଆଂଶିକ ଫିକା ପଡ଼ିଯାଇଥିଲା। ତଥାପି ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ଦେଖାଯାଇଥିଲା। ରାତିରେ ରାଧାକୃଷ୍ଣଙ୍କୁ ଦୋଳିରେ ନିଆଯାଇ ଗ୍ରାମ ପରିକ୍ରମା କରାଯିବା ପରେ ଦେଉଳ ବନ୍ଧରେ ଚାପ ଖେଳାଯାଇଥିଲା। ଗ୍ରାମ ସଭାପତି ଗୋବର୍ଦ୍ଧନ ନାୟକଙ୍କ ନେତୃତ୍ୱରେ ଗ୍ରାମ ବେହେରା ବୃନ୍ଦ ଯାତ୍ରା ପରିଚାଳନା କରିଥିଲେ। ସେହିପରି ସମଗ୍ର ବଜାର ସମେତ ଯାତ୍ରା ପଡିଆ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସି ଉଠିଥିଲା। ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା ହୋଇଥିଲା। ଶାନ୍ତିଶୃଙ୍ଖଳାରେ ଯାତ୍ରା ପରିଚାଳନା ପାଇଁ ପୋଲିସ ମୁତୟନ କରାଯାଇଥିଲା। ବିଭିନ୍ନ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ ହୋଇଥିଲା।

## ନାଲ୍‌କୋ ଆଶ୍‌ପଣ୍ଡରେ ପାଉଁଶ ଝଡ଼

ବଅଁରପାଳ,୨୮।୫(ଡି.ଏନ.ଏ.)

ବଅଁରପାଳ ବ୍ଲକ ବଳରାମ ପ୍ରସାଦଠାରେ ଥିବା ନାଲ୍‌କୋ ବିଦ୍ୟୁତ୍ ପ୍ରକଳ୍ପ ପାଉଁଶ ପୋଖରୀରୁ ମଙ୍ଗଳବାର ଅପରାହ୍ନରେ ବହୁ ମାତ୍ରାରେ ପାଉଁଶ ଉଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ଆଖପାଖ ଅଞ୍ଚଳବାସୀ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅନେକ ସମୟରେ ଏପରି ପାଉଁଶ ଉଡ଼ି ପରିବେଶକୁ ପ୍ରଦୂଷିତ କରୁଥିଲେ ବି ନାଲ୍‌କୋ ପକ୍ଷରୁ କୌଣସି ସ୍ଥାୟୀ ସମାଧାନ କରାଯାଉ ନାହିଁ। ଫଳରେ ଅଞ୍ଚଳବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ନେଇ ନାଲ୍‌କୋ ସିପିପି ମହାପ୍ରବନ୍ଧକ ଅମ୍ବିକା ପ୍ରସାଦ ପଣ୍ଡା କହିଛନ୍ତି, ପବନ ହେଲେ ପାଉଁଶ ଗୁଣ୍ଡ ସାମାନ୍ୟ ଉଡ଼ିଥାଏ। ଆଶ୍‌ପଣ୍ଡରେ ଯଥେଷ୍ଟ ମାତ୍ରାରେ ପାଣି ସିଞ୍ଚନ କରାଯାଉଛି। ଏଥିସହ ପ୍ଲାଣ୍ଟରୁ ପାଉଁଶ ଗୁଣ୍ଡ ପରିବର୍ତ୍ତେ ଅଧିକ ପାଉଁଶ ମିଶା ପାଣି ଆଶ୍‌ପଣ୍ଡକୁ ଛଡ଼ାଯାଉଛି। ଏହି ପାଉଁଶ ମିଶା ପାଣିକୁ ଆଶ୍‌ପଣ୍ଡର ବିଭିନ୍ନ ସ୍ଥାନରେ ପକାଯାଉଛି। ଏହାଦ୍ୱାରା ପାଉଁଶ ଗୁଣ୍ଡ ଅଧିକ ଆଉ ଉଡିବ ନାହିଁ ବୋଲି ସେ କହିଛନ୍ତି।

## ପ୍ରତିଶ୍ରୁତି ରଖୁନାହାନ୍ତି କର୍ତ୍ତୃପକ୍ଷ

# ଆଲୁମିନିୟମ ପ୍ରକଳ୍ପ କାର୍ଯ୍ୟ ବନ୍ଦ କଲେ ଗ୍ରାମବାସୀ

ବଅଁରପାଳ, ୨୮।୫ (ଡି.ଏନ୍.ଏ.)


ଗ୍ରାମବାସୀ ଆନ୍ଦୋଳନ କରୁଛନ୍ତି।

ବଅଁରପାଳ ବ୍ଲକ ଲଙ୍ଗୁଳିଆବେଡ଼ା ଗ୍ରାମ ପାଖରେ ନିର୍ମାଣାଧୀନ ଆଲୁମିନିୟମ ପାର୍କ ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରିଛନ୍ତି ଗ୍ରାମବାସୀ। ମଙ୍ଗଳବାର ସକାଳୁ ଗ୍ରାମର ଶତାଧିକ ଲୋକ ପ୍ରକଳ୍ପ ସ୍ଥାନରେ ପହଞ୍ଚି ଗ୍ରାମ ସୀମା ଚିହ୍ନଟ କରିବା ସହିତ ସୀମା ମଧ୍ୟରେ ରହିଥିବା କାର୍ଯ୍ୟ ବନ୍ଦ କରାଇଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ସେମାନେ ଅଡ଼ି ବସିଥିଲେ।

ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଆଲୁମିନିୟମ ପ୍ରକଳ୍ପ ପାଇଁ ନାଲ୍‌କୋ ଇଡିଙ୍କ ପକ୍ଷରୁ ଲଙ୍ଗୁଳିଆବେଡ଼ା ଗ୍ରାମରେ ଜମି ଅଧିଗ୍ରହଣ କରାଯାଇଛି। ଏଥିରେ ବହୁ ଗୋଚର ଜମି ମଧ୍ୟ ରହିଛି। ଏହାକୁ ଗ୍ରାମବାସୀ ରାସ୍ତା, ଖେଳ ପଡ଼ିଆ ଆଦି କାର୍ଯ୍ୟରେ ଲଗାଉଥିଲେ। ଏହି ଜମି ବଦଳରେ ଅନ୍ୟତ୍ର ଜମି ଦେବାକୁ ଦୀର୍ଘ ୨ ବର୍ଷ ହେଲା ଦାବି କରି ଆସୁଛନ୍ତି। ବହୁବାର ଇଡ୍‌କୋ, ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ ମଧ କରିଛନ୍ତି। ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ ତାହା କାର୍ଯ୍ୟକାରୀ କରାଯାଉ ନାହିଁ। ତଥାପି ପ୍ରକଳ୍ପ କାର୍ଯ୍ୟ କରାଯାଉଛି। ଏହି ଖବର ଜାଣିବା ପରେ ଗ୍ରାମବାସୀଙ୍କ ମଧରେ ଉତ୍ତେଜନା ଦେଖା ଦେଇଥିଲା। ଗ୍ରାମରେ ସଭା କରାଯାଇ ଏଭଳି କାର୍ଯ୍ୟକୁ ନିନ୍ଦା କରାଯିବା ସହ କାର୍ଯ୍ୟ ବନ୍ଦ ରଖାଯାଇଛି। ଗ୍ରାମ ସଭାପତି ଅକ୍ଷୟ କୁମାର ବିଶୋଇଙ୍କ ନେତୃତ୍ୱରେ ଗ୍ରାମର ନରେଶ ଦେହୁରୀ, ଶରତ ଚନ୍ଦ୍ର ବିଶ୍ୱାଳ, ଅଜୟ ପ୍ରଧାନ, ଗିରିଶ ବିଶ୍ୱାଳ, ସୁଦର୍ଶନ ପ୍ରଧାନ, ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ବ୍ରଜବନ୍ଧୁ ସାହୁ ପ୍ରମୁଖ ଆନ୍ଦୋଳନ ଚଳାଇଛନ୍ତି।

## ଶିଙ୍ଗ ବାଜାରେ କମ୍ପିଲା ବଜାର


ଶୋଭାଯାତ୍ରାରେ ଠାକୁରଙ୍କୁ ରଥରେ ନିଆଯାଉଛି।

ବନ୍ତଳା,୨୮।୫(ଡି.ଏନ.ଏ.)

ଅନୁଗୋଳ ଜିଲା ବନ୍ତଳା ବଜାରରେ ମଙ୍ଗଳବାର ଚନ୍ଦନ ଯାତ୍ରା ଉତ୍ସବ ପାଳିତ ହୋଇଯାଇଛି। ଏକ ରଥରେ ଠାକୁରଙ୍କୁ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ସାପ୍ତାହିକ ହାଟ ପୋଖରୀରେ ଚାପ ଖେଳ ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ସମୟରେ ହିଂସାଲୋଇର ଲଉଡି ଖେଳ, ମରଣ୍ଡାର ସଂକୀର୍ତ୍ତନ ମଣ୍ଡଳୀ, ଶିଙ୍ଗ ବାଜା, ଭାଙ୍ଗଡା ବାଜା ଓ ସାଉଣ୍ଡରେ ସମଗ୍ର ବଜାର କମ୍ପି ଉଠିଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଗ୍ରାମବାସୀ ଓ ଯୁବଗୋଷ୍ଠୀ ସହଯୋଗ କରିଥିଲେ।

## ଏମିତି କରୁଛି ପୋଲିସ କାର୍ଯ୍ୟ

# ଅଟୋରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ଅନୁଗୋଳ ଅଫିସ, ୨୮।୫


୩ଜଣ ଥାନା କର୍ମଚାରୀ ୨ ଅଭିଯୁକ୍ତଙ୍କୁ ଅଟୋରେ କୋର୍ଟକୁ ନେଉଛନ୍ତି।

- ଜରପଡ଼ାରୁ ଅଣାଗଲା ୨୭ କିମି
- ସ୍ୱାସ୍ଥ୍ୟପରୀକ୍ଷା ପରେ ନିଆଗଲା କୋର୍ଟ
- ଥାନା ଅଧିକାରୀ କହିଲେ ଗାଡ଼ି ଅଭାବ

ଅନୁଗୋଳ ଜିଲା ଜରପଡ଼ା ପୋଲିସ ସୋମବାର ୨ ଅଭିଯୁକ୍ତଙ୍କୁ ଅଟୋରେ କୋର୍ଟଚାଲାଣ କରିଛି। ଜରପଡ଼ାରୁ ଅନୁଗୋଳ କୋର୍ଟର ଦୂରତା ୨୭ କିମି ହୋଇଥିଲେ ବି ମାତ୍ର ୩ କର୍ମଚାରୀ ୨ ଅଭିଯୁକ୍ତଙ୍କୁ ଅଟୋରେ ମେଡିକାଲ ଆଣିବା ଓ କୋର୍ଟରେ ହାଜର କରାଇବା ସୁରକ୍ଷା ଦୃଷ୍ଟିରୁ କେତେଦୂର ଯୁକ୍ତିଯୁକ୍ତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ସୋମବାର ପାଟ୍ରୋଲିଂ ବେଳେ ଦୁଇ ସନ୍ଦିଗ୍ଧ ବନ୍ତଳା ଥାନା ଶଙ୍ଖପୁରର ଲିପୁ ଓରଫ ବିଶ୍ୱଜିତ ସାହୁ(୧୯) ଓ ସାନହିସଂରର ବୀରେନ୍ ଦେହୁରୀ(୨୦)ଙ୍କୁ ପୋଲିସ ଅଟକାଇଥିଲା। ସେମାନଙ୍କ ନିକଟରେ ଦୁଇଟି ଟ୍ରକ୍ ବ୍ୟାଟେରି ଥିବାରୁ ପୋଲିସର ସନ୍ଦେହ ବଢ଼ିଯାଇଥିଲା। ଥାନାକୁ ନେଇ ପଚାର ଉଚରା ପରେ ଦୁହେଁ ବ୍ୟାଟେରି ଚୋରିରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଏଥିସହ ୬ଟି ଟ୍ରକ୍ ବ୍ୟାଟେରି ଜବତ କରାଯାଇଥିଲା। ବିଶ୍ୱଜିତ ଅନୁଗୋଳ ଉପକଣ୍ଠରେ ଥିବା ଏକ ଗ୍ୟାରେଜରେ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିବା ବେଳେ ସେ ବୀରେନ ସହ ମିଶି ବ୍ୟାଟେରି ଚୋରି କରୁଥିବା ପୋଲିସକୁ କହିଥିଲେ। ପୋଲିସ ନଂ. ୧୨୭/୧୯ରେ ଏକ ମାମଲା ରୁଜୁ କରି ମଙ୍ଗଳବାର ଦୁହିଁଙ୍କୁ କୋର୍ଟଚାଲାଣ କରିଥିଲା। କିନ୍ତୁ ଥାନା ଗାଡ଼ି ବଦଳରେ ଏକ ଅଟୋରେ ୩ଜଣ କର୍ମଚାରୀ ୨ ଅଭିଯୁକ୍ତଙ୍କୁ ୨୭ କିମି ଦୂର ଆଣି ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ସେଠାରୁ ଅନୁଗୋଳ କୋର୍ଟକୁ ନେଇଥିଲେ। ଏ ନେଇ ଜରପଡ଼ା ଥାନା ଅଧିକାରୀ ବିନ୍ଦୁ ବାସିନୀ ବିଶ୍ୱାଳ କହିଛନ୍ତି, ଥାନାରେ ଗୋଟିଏ ଗାଡ଼ି ରହିଛି। ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ପୂର୍ବରୁ ଜଣେ ଅଭିଯୁକ୍ତଙ୍କୁ ସେଥିରେ ମେଡିକାଲକୁ ନିଆଯାଇଥିଲା। ପିସିଆର ଭ୍ୟାନ ପାଟ୍ରୋଲିଂ କରୁଥିବାରୁ ବାଧ୍ୟ ହୋଇ ଅଟୋରେ ଦୁଇ ଅଭିଯୁକ୍ତଙ୍କୁ ଡାକ୍ତରୀ ପରୀକ୍ଷା ପରେ କୋର୍ଟରେ ହାଜର ପାଇଁ ନିଆଯାଇଥିଲା।

## ସଂକ୍ଷେପରେ

### ଯୌତୁକ ନିର୍ଯାତନା: ଥାନାରେ ମାମଲା

**ଭଦ୍ରକ ଅଫିସ,୨୮।୫:** ବାପଘରୁ ଅଧିକ ୫୦ ହଜାର ଟଙ୍କା ଯୌତୁକ ଆଣିବାକୁ ଦାବି କରି ଭଦ୍ରକ ଗ୍ରାମାଞ୍ଚଳ ଥାନା ଆରଡିଛକ ସାମରାଇପୁରର ଶାଶୁଘର ଲୋକେ ବୋହୂଙ୍କୁ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଛି। ପୋଲିସ ଏହି ଅଭିଯୋଗକୁ ଭିତ୍ତି କରି ସ୍ୱାମୀ ଓ ଶାଶୁଙ୍କ ବିରୋଧରେ ଏକ ମାମଲା(ନଂ ୨୬୯/୧୯) ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ ଏରେଣ୍ଡେଇ ଅଞ୍ଚଳର ସୀମାରାଣୀ ଜେନା ଆରଡିଛକର ସୁଶୀଲ କୁମାର ଜେନାଙ୍କୁ ୨୦୧୩ ମେ ୧୧ ତାରିଖରେ ବୈଦିକ ରୀତିରେ ବିବାହ କରିଥିଲେ। ଏହା ମଧ୍ୟରେ ସେ ଏକ କନ୍ୟାସନ୍ତାନର ଜନନୀ ହୋଇଛନ୍ତି। କିନ୍ତୁ ଶାଶୁ ଘର ଲୋକେ ଅଧିକ ଯୌତୁକ ଆଣିବା ଦାବି କରି ତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଏପରିକି ତାଙ୍କୁ ଜୀବନରୁ ମାରିଦେବା ପାଇଁ ଷଡଯନ୍ତ୍ର କରାଯାଉଥିବା ଜାଣିପାରି ସେ ସ୍ୱାମୀଘରୁ ଖସି ପଳାଇଆସି ବାପଘର ଏରେଣ୍ଡେଇରେ ରହୁଛନ୍ତି। ସୀମାରାଣୀ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସୋମବାର ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି।

### ଗାଡ଼ି ଡିକି ଭାଙ୍ଗି ଅଳଙ୍କାର ଲୁଟ୍

**ଭଦ୍ରକ ଅଫିସ, ୨୮।୫:** ଭଦ୍ରକ ଟାଉନ ଥାନା ଅଞ୍ଚଳରେ ଲୁଟେରାଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢିବାରେ ଲାଗିଛି। କେତେବେଳେ ବାଇକ୍ ଲୁଟ୍ ତ ଆଉ କେତେବେଳେ ଘରେ ପଶି ସୁନା ଅଳଙ୍କାର ଲୁଟି ନେବା ଭଳି ଘଟଣା ଘଟୁଛି। ସୋମବାର ବାଁଶଡା ଥାନା ଅଧୀନ ପରମାନନ୍ଦପୁର ଗାଁର ଅଳଙ୍କାର ବ୍ୟବସାୟୀ ପର୍ଶୁରାମ ସାହୁ(୨୮) ଭଦ୍ରକରୁ ସୁନା ଓ ରୁପା ଅଳଙ୍କାର କିଣି ଭଦ୍ରକ ବାଇପାସ୍‌ରେ ଥିବା ଏକ ଜୁସ୍ ଦୋକାନ ନିକଟରେ ଗାଡି ରଖି ଜୁସ୍ ପିଉଥିବା ବେଳେ ସେଠାରେ ଅଳଙ୍କାର ବ୍ୟାଗ୍ ଲୁଟ୍ ହୋଇଯାଇଥିଲା। ସେ ଜୁସ୍ ପିଇ ସାରି ସ୍କୁଟିର ଡିକି ଖୋଲି ସୁନା ଅଳଙ୍କାର ବ୍ୟାଗ ନ ଥିବା ଦେଖି ଆଖପାଖ ଅଞ୍ଚଳରେ ଲୁଟେରାଙ୍କୁ ଖୋଜାଖୋଜି କରିଥିଲେ । କୌଣସି ସନ୍ଧାନ ନ ପାଇବାରୁ ଶେଷରେ ଟାଉନ ଥାନାରେ ଏତଲା ଦାଏର କରିଥିଲେ। ପୋଲିସ ଏ ନେଇ ଏକ ମାମଲା(ନଂ ୧୫୮/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଲୁଟେରାଙ୍କ କୌଣସି ସନ୍ଧାନ ମିଳିନାହିଁ।

# ତାଣ୍ଡବ ରଚିଲା କାଳବୈଶାଖୀ

**ଅନୁଗୋଳ ଅଫିସ/ତାଳଚେର (ନି.ପ୍ର.) /କଣିହାଁ/ବନ୍ତଲା/ଛେଣ୍ଡିପଦା/ ପରଜଙ୍ଗ (ଡି.ଏନ୍.ଏ.), ୨୮।୫**


ଅନୁଗୋଳ


ପରଜଙ୍ଗ


ତାଳଚେର

- ଗଛ, ବିଦ୍ୟୁତ୍ ଖୁଣ୍ଟ ଧରାଶାୟୀ
- ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ
- ଉଜୁଡ଼ିଲା ପରିବା ଚାଷ, ଫଳ ବଗିଚା
- ବଜ୍ରପାତରେ ୪ ଗୁରୁତର
- ଡାଳପଡ଼ି ମହିଳାଙ୍କ ଗୋଡ଼ ଭାଙ୍ଗିଲା

ଅନୁଗୋଳ ଏବଂ ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର କାଳବୈଶାଖୀ ପ୍ରଭାବରେ ହୋଇଥିବା ଝଡ଼ତୋଫାନରେ ବ୍ୟାପକ କ୍ଷତି ହୋଇଛି। ପ୍ରବଳ ବେଗରେ ପବନ ବହିବାରୁ ବହୁ ଆଜବେଷ୍ଟସ, ଛପର ଉଡ଼ିଯାଇଛି। ବଡ଼ ବଡ଼ ଗଛ ଧରାଶାୟୀ ହୋଇଛି। ଖୁଣ୍ଟ ଭାଙ୍ଗି ପଡ଼ିବାରୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ସେହିପରି ବଜ୍ରପାତରେ ୪ଜଣ ଗୁରୁତର ହୋଇଥିବାବେଳେ ଗଛପଡ଼ି ଜଣେ ମହିଳାଙ୍କ ଗୋଡ଼ ଭାଙ୍ଗିଯାଇଛି।

ତାଳଚେର ଅଞ୍ଚଳରେ ଅପରାହ୍ନ ସାଢ଼େ ୪ଟାରେ ହଠାତ୍ ଜୋରଦାର ପବନ ସହ ବର୍ଷା ହୋଇଥିଲା। ପବନର ବେଗ ଏତେ ଅଧିକ ଥିଲା ଯେ, ସହରରେ ଥିବା ବଡ଼ ବଡ଼ ଗଛ, ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିଲା। ୩୩ କେଭି ଓ ୧୧କେଭି ଲାଇନ ଓ ଷ୍ଟ୍ରକଚର କ୍ଷତିଗ୍ରସ୍ତ ହୋଇଥିବାବେଳେ କେତେକ ସ୍ଥାନରେ ଟ୍ରାନ୍ସଫର୍ମର ମଧ୍ୟ ତଳକୁ ଖସିପଡ଼ିଛି। ଦୋକାନ ସମ୍ମୁଖରେ ଲାଗିଥିବା ବୋର୍ଡ, ହୋର୍ଡିଂ ଉଡ଼ାଇନେଇଛି। କେତେକ ସ୍ଥାନରେ ଦୋକାନ ଘର ଭାଙ୍ଗିଯାଇଛି। ତାମ୍ରିତ ମାର୍କେଟ ନିକଟରେ ଗଛ ପଡ଼ିଯିବାରୁ ଏକ ଷ୍ଟୁଡିଓ ଭାଙ୍ଗିଯାଇଛି। ସହରରେ ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ବନ୍ଦ ରହିଛି। କ୍ଷୟକ୍ଷତି ଅଧିକ ହୋଇଥିବାରୁ ମୁଖ୍ୟ ଲାଇନ ରାତିରେ ସଜାଡ଼ିବା ଅସମ୍ଭବ ବୋଲି ସେସୁ ଏସ୍‌ଡିଓ ସୂଚନା ଦେଇଛନ୍ତି।

କାଳବୈଶାଖୀ ପ୍ରଭାବରୁ ବର୍ତ୍ତିନି କଣିହାଁ ବ୍ଲକ ଅଞ୍ଚଳ। ଝଡ଼ତୋଫାନରେ ରାସ୍ତା ଉପରେ ଗଛ ପଡ଼ିଯିବାରୁ ୧ଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବିଭିନ୍ନ ସ୍ଥାନରେ ତାର, ଖୁଣ୍ଟ ଭାଙ୍ଗିପଡ଼ିଥିବାରୁ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ଖବର ଲେଖାଯିବା ସୁଦ୍ଧା ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇନାହିଁ। ଝଡ଼ବର୍ଷା ଯୋଗୁ ପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ଚାଷୀମାନେ ପୋତିଥିବା ବିହନ ଗଜା ବାହାରୁଥିବାବେଳେ ସେସବୁ ନଷ୍ଟ ହୋଇଯାଇଛି। ପ୍ରଶାସନ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ସେହିପରି ଅନୁଗୋଳ ସହର, ବଅଁରପାଳ ବ୍ଲକ, ଛେଣ୍ଡିପଦା ବ୍ଲକର ଜରପଡ଼ା, ଜେରେଙ୍ଗ, ଦୁର୍ଗାପୁର, ଡୁକୁଡ଼ା, ପରା, ଓଗୀ, ବଡ଼କେରଜାଙ୍ଗ, ସାନକେରଜାଙ୍ଗ, ଡୁବେ, ସାଆନ୍ତପୁର, ଜରଡ଼ାରେ କାଳବୈଶାଖୀ ବହୁ କ୍ଷତି ଘଟାଇଛି। ରାସ୍ତା ଉପରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବର୍ଷା ଛାଡ଼ିବା ପରେ ଗଛକଟା ଆରମ୍ଭ ହୋଇଛି। ତଥାପି କେତେକ ସ୍ଥାନରେ ଗମନାଗମନ ସ୍ୱାଭାବିକ ହୋଇପାରିନାହିଁ। ରାତି ହୋଇଯାଇଥିବାରୁ ପୁନରୁଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିବା ଜଣାପଡ଼ିଛି। କାଳବୈଶାଖୀ ସମୟରେ ବଜ୍ରପାତରେ ଅନୁଗୋଳ ଜିଲାର ୪ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପୁରୁଣାକୋଟ ଥାନା ବାଘମୁଣ୍ଡା ଗ୍ରାମର ଅନାଦି ବେହେରା (୧୦), ସସ୍ମିତା ବେହେରା (୨୦), ଛେଣ୍ଡିପଦା ବ୍ଲକ ବଡ଼କେରଜାଙ୍ଗ ଗ୍ରାମର ଦୁଷ୍ମନ୍ତ ବେହେରା (୧୪) ଏବଂ କଣିହାଁ ବ୍ଲକ ଚନ୍ଦ୍ରବିଲ ଗ୍ରାମର ଧୀରେନ୍ଦ୍ର ବେହେରା। ଅନାଦି, ସସ୍ମିତା, ଦୁଷ୍ମନ୍ତଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଧୀରେନ୍ଦ୍ର କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେହିପରି ବଅଁରପାଳ ବ୍ଲକ ଅପର୍ତ୍ତିପୁର ଅଞ୍ଚଳରେ ଗଛ ଡାଳ ଭଙ୍ଗି ପଡ଼ିବାରୁ ମାଳତି ଦାସ (୬୫)ଙ୍କ ଦୁଇଟି ଗୋଡ଼ ଭାଙ୍ଗିଯାଇଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ବେଣାଗାଡ଼ିଆର ପର୍ଶୁରାମ ସାହୁ ଏବଂ ଦର୍ପେଶ୍ୱର ପ୍ରଧାନଙ୍କ କୁକୁଡ଼ା ଫାର୍ମ ଭାଙ୍ଗି ମାଟିରେ ମିଶିଯାଇଥିବା ଜଣାପଡ଼ିଛି।

ସେହିପରି ଢେଙ୍କାନାଳ ଜିଲାର ପରଜଙ୍ଗ ଅଞ୍ଚଳରେ ଝଡ଼ତୋଫାନରେ ବ୍ୟାପକ କ୍ଷତି ହୋଇଛି। ଆଜବେଷ୍ଟସ୍, ଟାଇଲ ଘର ଉଡ଼ିଯାଇଛି। ବହୁ ଗୁହାଳ ଭାଙ୍ଗିଯାଇଛି। ବାରିହାପୁର ଢ଼ାବା ନିକଟରେ ଏକ ଚାକୁଣ୍ଡା ଗଛ ଉପୁଡ଼ି ୫୩ନଂ. ଜାତୀୟ ରାଜପଥ ଉପରେ ପଡ଼ିଥିଲା। ଫଳରେ ଦୀର୍ଘ ସମୟ ଯାଏ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ବାସିନ୍ଦା ଗଛ କାଟିବାରୁ ଯାତାୟାତ ସ୍ୱାଭାବିକ ହୋଇଛି। ଝଡ଼ତୋଫାନରେ କଦଳୀ, ଆମ୍ବ ଗଛ ନଷ୍ଟ ହୋଇଯାଇଛି, ଯାହା ଚାଷୀଙ୍କ ଦୁଃଖ ବଢ଼ାଇଛି।

ଅନ୍ୟପଟେ ମୁଣ୍ଡଫଟା ଖରାରେ ଆଉଟୁପାଉଟୁ ହେଉଥିବା ଅଞ୍ଚଳବାସୀଙ୍କୁ କାଳବୈଶାଖୀ ସାମାନ୍ୟ ଆଶ୍ୱସ୍ତି ଦେଇଛି। ଦୀର୍ଘଦିନ ଧରି ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରଖିଥିବାବେଳେ ଅପରାହ୍ନରେ ହୋଇଥିବା ବର୍ଷା ପରିବେଶରେ ଭରିଛି ଶୀତଳତା। ତାପମାତ୍ରା ମଧ୍ୟ ସାମାନ୍ୟ ହ୍ରାସ ପାଇଛି।

## ବଧୂ ନିର୍ଯାତନା ଅଭିଯୋଗ: ଥାନାରେ ମାମଲା

**ଭଣ୍ଡାରିପୋଖରୀ, ୨୮।୫(ଡି.ଏନ୍.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ପାଟୁଳୀ ପଞ୍ଚାୟତର ପାଳସାହି ଗ୍ରାମରେ ୫ ବର୍ଷ ତଳେ ବିବାହ କରିଥିବା ଜଣେ ମହିଳାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ କ୍ରମେ ସୋମବାର ରାତିରେ ଦଫା ୪୯୮(ଏ), ୩୨୩, ୫୦୬ରେ ଏକ ମାମଲା (ନଂ ୮୭/୧୯) ରୁଜୁ କରି ତଦନ୍ତ କରୁଛି।

ପୋଲିସ ସୂଚନା ଅନୁଯାୟୀ ବାସୁଦେବପୁର ଥାନା ପଡୁଆଁ ଗ୍ରାମର ରମେଶ ଦାସଙ୍କ ଝିଅ ସଞ୍ଜୁଲତା ଏହି ଥାନା ଅଧୀନ ପାଟୁଳୀ ଗ୍ରାମ ପାଳସାହିର ଚିନ୍ମୟ ଦାସଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଆବଶ୍ୟକ ଯାନି ଯୌତୁକ ଦିଆଯାଇଥିଲା। ପରେ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ଝଗଡା ହେବାରୁ ଥାନା ଯାଏ କଥା ଯାଇଥିଲା। ବନ୍ଧୁ ବାନ୍ଧବଙ୍କ ଉପସ୍ଥିତିରେ ଘଟଣାର ଆପୋସ ସମାଧାନ ପରେ କରାଯାଇଥିଲା। ଗତ ୨୪ ତାରିଖ ରାତିରେ ସଞ୍ଜୁଲତାଙ୍କୁ ଶାଶୁଘର ଲୋକେ ପୁଣି ନିର୍ଯାତନା ଦେବା ସହ ମାରଧର କରିଥିବା ନେଇ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ ହୋଇଛି। ସଞ୍ଜୁଲତାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ତାଙ୍କ ସ୍ୱାମୀ ଚିନ୍ମୟ ଦାସଙ୍କ ସମେତ ଶାଶୁ ଶ୍ୱଶୁର, ମଳାଶୁରଙ୍କ ନାମରେ ମାମଲା ରୁଜୁ କରିଥିବା କହିଛି। ଏଏସ୍‌ଆଇ ଗୌରମଣି ସିଂ ଘଟଣାର ତଦନ୍ତ କରୁଛନ୍ତି।

## ଟ୍ରକ୍‌କୁ ପିଟିଲା ଆମ୍ବୁଲାନ୍ସ

**ସୋର, ୨୮।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥ ବରଫକଳ ଛକଠାରେ ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ରୋଗୀ ବାସୁ ମଣ୍ଡଳ, ସାଥିରେ ଥିବା ନିମାଇଁ ମୁନିଆ, ଚନ୍ଦନ ମଣ୍ଡଳ, ଶ୍ରୀମନ୍ତ ଦାସମହାପାତ୍ର। ଆହତ ହୋଇଛନ୍ତି। ପୋଲିସ ଆମ୍ବୁଲାନ୍ସ ଓ ଟ୍ରକ୍‌କୁ ଜବତ କରିଛି। ସୋମବାର ରାତି ପ୍ରାୟ ୨ଟା ବେଳେ ଆମ୍ବୁଲାନ୍ସ (ନଂ.ଡବ୍ଲ୍ୟୁବି୩୧ଏ–୦୨୧୭) ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରୁ ରୋଗୀ ଡିସ୍‌ଚାର୍ଜ ନେଇ ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଫେରୁଥିଲା। ବରଫକଳ ଛକଠାରେ ଏକ ପଥର ବୋଝେଇ ଟ୍ରକ୍ (ନଂ. ଓଆର୍‌୦୯ଇ–୦୭୪୪)ର ପଛପଟକୁ ଧକ୍କା ଦେଇଥିଲା। ଆହତଙ୍କୁ ପ୍ରଥମେ ସୋର ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ମାଟିତଳୁ ଅଷ୍ଟଧାତୁ ମୂର୍ତ୍ତି ଉଦ୍ଧାର



**ଅନୁଗୋଳ ଅଫିସ,୨୮।୫**

ଅନୁଗୋଳ ବ୍ଲକ ଅନ୍ତର୍ଗତ ବଡକେରା ପଞ୍ଚାୟତ ଶାସନ ସାହି ଗ୍ରାମରୁ ମଙ୍ଗଳବାର ଏକ ବିରଳ ଅଷ୍ଟଧାତୁ ମୂର୍ତ୍ତି ଉଦ୍ଧାର କରାଯାଇଛି। ଗ୍ରାମର ରମେଶ ବେହେରା ଘର ତିଆରି ପାଇଁ ନିଅଁ ଖୋଳୁଥିଲେ। ୪ଫୁଟ ଖୋଳିବା ପରେ ଏକ ହାଣ୍ଡି ଭିତରେ ଘୋଡାଇ ହୋଇ ରହିଥିବା ଅବସ୍ଥାରେ ଉକ୍ତ ମୂର୍ତ୍ତି ମିଳିଥିଲା। ମୂର୍ତ୍ତି ଉଦ୍ଧାର ଖବର ପାଇବା ପରେ ଏହାକୁ ଦେଖିବାକୁ ସ୍ଥାନୀୟ ଲୋକଙ୍କ ଗହଳି ଜମିଥିଲା। ରମେଶ ମୂର୍ତ୍ତିକୁ ପୂଜାପାଠ କରି ନିଜ ଘରେ ରଖିଛନ୍ତି ।

## ୨୨ଶହ ଲିଟର କିରୋସିନ ସହ ପିକ୍‌ଅପ୍ ଅଟକ

**ବାସୁଦେବପୁର, ୨୮।୫(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର– ବାଲିଛନ୍ଦା ଘାଟ ରାସ୍ତାର ଗମେଇ ନଦୀପୋଲ ନିକଟରୁ ଏକ ପିକଅପ୍ ଭ୍ୟାନରେ ୨୨ ଶହ ଲିଟର କିରୋସିନ ଚାଲାଣ ହେଉଥିବା ବେଳେ ପୋଲିସ ଏହାକୁ ଧରି ଥାନାରେ ଅଟକ ରଖିଛି। ବାସୁଦେବପୁର ଅଞ୍ଚଳର କୌଣସି ଏକ ତେଲ ଡିପୋରୁ ଏହି କିରୋସିନ ବାଲିଛନ୍ଦା ଘାଟ ଆଡକୁ ନିଆଯାଉଥିବା ଦେଖି କେତେକ ଯୁବକ ସନ୍ଦେହରେ ଏହାକୁ ଅଟକାଇ ଥିଲେ। ପରେ ଖବର ପାଇ ପୋଲିସ ପହଞ୍ଚି କିରୋସିନ ବୋଝେଇ ଗାଡିକୁ ଥାନାକୁ ଆଣିଥିଲା। ଏହାର ଡ୍ରାଇଭର ଓ ହେଲ୍‌ପର୍‌କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପୋଲିସ ଏ ସମ୍ପର୍କରେ ବାସୁଦେବପୁର ଯୋଗାଣ ଅଧିକାରୀଙ୍କ ସମେତ ଭଦ୍ରକ ସିଏସ୍‌ଓଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିବା ବାସୁଦେବପୁର ଥାନା ଆଇଆଇସି ଉମାଶଙ୍କର ନାୟକ କହିଛନ୍ତି। ଯୋଗାଣ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ତଦନ୍ତ କରାଯିବା ପରେ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ସନ୍ଧ୍ୟା ସୁଦ୍ଧା ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ